# ଠୋ ଠା

ବବ୍‌ଲୁ ବବ୍‌ଲି ଛାଡ଼ିଲେ ଡାକ
ବେଲୁନ୍ ବାଲା ବେଲୁନ୍ ବାଲା
ବେଲୁନ୍ ଦେଇ ଯା'
ନାଲିଆ ନେଳି ଭଳିକି ଭଳି ବେଲୁନ୍ ଦେଇ ଯା'।




ବବ୍‌ଲୁ ବବ୍‌ଲି ଖେଳିଲେ ଖେଳ
ବେଲୁନ୍ ଧରି କରିଲେ ଗେଲ
ଆଠଟି ବେଲୁନ୍ ଏକାଠି ଯୋଡ଼ି
ଦେଲେ ଛାଡ଼ି ଗଲା ଆକାଶେ ଉଡ଼ି
ବେଲୁନ୍ ଫାଟିଲା ଠୋ ଠା
ବବ୍‌ଲୁ ବବ୍‌ଲି ହାଃ ହାଃ.....।

# ଅଭ୍ୟାସ

୧. ଛବି ଦେଖି ଶବ୍ଦଗୁଡ଼ିକୁ ପଢ଼ିବା ।








| | | |
|---|---|---|
| ବଗ | ବତକ | ବହି |







| | | |
|---|---|---|
| ଡାଳ | ନଳ | ଓଠ |







| | | |
|---|---|---|
| ଆତ | ଆଖି | ପିଆଜ |







| | | |
|---|---|---|
| ଚପଲ | ଫୁଲ | କଲମ |

୨. କହିଲ ଦେଖି...

- ବବ୍‌ଲୁ ବବ୍‌ଲି କ'ଣ କହିଲେ ?
- କିଏ କିଏ ବେଲୁନ୍‌ବାଲାକୁ ବେଲୁନ୍ ଦେବାକୁ କହିଲେ ?
- ବବ୍‌ଲୁ ବବ୍‌ଲି ବେଲୁନ୍ ଧରି କ'ଣ କଲେ ?
- କେତୋଟି ବେଲୁନ୍ ଧରି ଆକାଶକୁ ଛାଡ଼ିଦେଲେ ?

୩. ପ୍ରଶ୍ନ ୧ର ଛବିଗୁଡ଼ିକ ଭିତରୁ କେଉଁଗୁଡ଼ିକ ଗୋଲାକାର ଓ କେଉଁଗୁଡ଼ିକ ଲମ୍ବାଳିଆ କହିବା ।

୪.(କ) 'ବ' ଅକ୍ଷରକୁ ବଗ ତା'ଥଣ୍ଟରେ ଛୁଇଁବ।

ବଥ ବଳଦ ବଟ

ବନ ଚଟ

ଖଟ ବଳ



(ଖ) 'ଲ' ଅକ୍ଷରକୁ ଲତା ଯାଇ ଛୁଇଁବ ।




(ଗ) 'ଳ' ଅକ୍ଷର ଯେଉଁଠି ଅଛି ତା'ତଳେ ଗାର ଦେବା ।

ସଲଖ, ବଳଦ, କଳ, ଫଳ, ମାଳ, କଲମ, ବଳ

(ଘ) 'ଆ' ଥିବା ଶବ୍ଦ ଚାରିପଟେ '◯' ବୁଲାଇବା ।

ଠେକୁଆ, ଅଟା, ଚଟ, ଆମ୍ବ, ଆତ, ବଳ

୫. ତଳ ଚିତ୍ରଗୁଡ଼ିକରେ ଯେଉଁଠି ବ, ଠ, ଆ, ଲ, ଳ ଅକ୍ଷର ଅଛି, ସେହି ଚିତ୍ରଗୁଡ଼ିକୁ ସଂପର୍କିତ ଅକ୍ଷର ସହ ଗାରଟାଣି ଦେଖାଇବା ।



୬. ବାଜା ଶୁଣିବା, ଖଟେଇ ହେବା, ଧୂପବାସ୍ନା ଶୁଙ୍ଘିବା, ବଲ୍ ଖେଳିବା, ଛବି ଆଙ୍କିବା, ବାଘ ଦେଖିବା - ଏହି କାମ ଗୁଡ଼ିକରୁ କେଉଁ କାମ କେଉଁ ଅଙ୍ଗଦ୍ୱାରା କରିବା ?

୭. କେଉଁ ସବୁ ଜିନିଷ ସହ ହାତର ସମ୍ପର୍କ ଅଛି ?



୮. କହିବା - ତମେ ହାତରେ କି କି କାମ କର ?

୯. ଆଠଟି ବେଲୁନ୍ ଛବି କରି ଗୋଟିକୁ ନାଲି ଓ ତା' ପାଖଟିକୁ ନୀଳ ରଙ୍ଗ ଦେବା । ଏହିପରି ଭାବେ ଆଠଟି ଯାକ ବେଲୁନ୍‌କୁ ରଙ୍ଗ ଦେବା ।

୧୦. ଆସ ଆଙ୍ଗୁଠି ଛାପରୁ ଛବି କରିବା ।

# ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

- ଗୀତଟିକୁ ଅଭିନୟ କରି ଶିକ୍ଷକ ଓ ପିଲାମାନେ ୩/୪ ଥର ଆବୃତ୍ତି କରିବେ। ପଦ, ପଦରୁ ଧାଡ଼ି, ଧାଡ଼ିରୁ ଅଧା ଧାଡ଼ି, ଅଧା ଧାଡ଼ିରୁ ଶବ୍ଦ, ଶବ୍ଦରୁ ଅକ୍ଷର ଚିହ୍ନଟ କରାଯିବ।

- ଅଭ୍ୟାସ କାର୍ଯ୍ୟ ୭କୁ ହାତ ଗୋଡ଼ ଛଡ଼ା ଅନ୍ୟ ଅଙ୍ଗ ସମ୍ପର୍କିତ ଜିନିଷର ନାମ ଶିକ୍ଷକ ପଚାରିବେ ଓ ସେହି ଅଙ୍ଗର ଗୋଟିଏ କାର୍ଯ୍ୟ ପାଇଁ ସୂଚନା ଦେବେ।

- ଅଭ୍ୟାସ କାର୍ଯ୍ୟ ୮ ପାଇଁ ପ୍ରତ୍ୟେକ ପିଲା ଗୋଟିଏ ଲେଖାଏଁ କାମ ବିଷୟରେ କହିବେ। (ପୁନରାବୃତ୍ତି ନ କରି)

- ଅଭ୍ୟାସ କାର୍ଯ୍ୟ ୧୦ରେ ବିଭିନ୍ନ ଆଙ୍ଗୁଠିରେ କାଳି ଲଗାଇ ଯେତେ ସମ୍ଭବ ଅଧିକ ପ୍ରକାରର ଛବି ପ୍ରସ୍ତୁତ କରାଇବେ।

- ଅଭ୍ୟାସ କାର୍ଯ୍ୟ ୪ର କ, ଖ ଓ ଗ ର କାମ ପାଇଁ

  ୧) ସେହି କାମ ଭିତରେ ଅନ୍ୟ ଶବ୍ଦ ନେଇ ମଧ୍ୟ ସମ୍ପୃକ୍ତ ଅକ୍ଷର ଚିହ୍ନିବା କାମ କରାଇବା ଆବଶ୍ୟକ।

  ୨) ଏଥିପାଇଁ ଚିତ୍ର କାର୍ଡ଼, ଅକ୍ଷର କାର୍ଡ଼ ପ୍ରସ୍ତୁତ କରି ଏହିପରି କାମ କରାଇବା ମଧ୍ୟ ଆବଶ୍ୟକ।

- ୨୫ ପିରିଅଡ଼ର ଏହି ପାଠରେ ଲ, ଳ, ବ, ଠ, ଆ ଅକ୍ଷର ଚିହ୍ନିବା ଓ ପଢ଼ିବା, ଆବୃତ୍ତି କରିବା, ବାହ୍ୟଅଙ୍ଗ ଚିହ୍ନିବା ଓ ସେମାନଙ୍କ କାର୍ଯ୍ୟ କହିବା, ୧ ରୁ ୯ ଯାଏ ଗଣିବା, ସୂଚନା ବୁଝି ସରଳ ବାକ୍ୟରେ ନିଜ ଭାବକୁ ପ୍ରକାଶ କରିବା, ବିଭିନ୍ନ ଆକୃତିକୁ ଚିହ୍ନିବା, ବିଭିନ୍ନ ଚିତ୍ର ଆଙ୍କିବା ଇତ୍ୟାଦି ଦକ୍ଷତାର ବିକାଶ ହେବା ଆବଶ୍ୟକ।